# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 August - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ସାଇବର ଅପରାଧ ମାମଲାରେ ସମଗ୍ର ଦେଶରେ ୧ କୋଟି ୯୨ ଲକ୍ଷ ସିମ୍‌କାର୍ଡକୁ ଅଚଳ କରାଯାଇଛି ବୋଲି ସୂଚନା ଦେଲେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ

- ରାଜ୍ୟର ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ପରିଣତ କରାଯିବ

- ଭୁବନେଶ୍ୱରଠାରେ ଆଜି ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୀତିଆୟୋଗ ସିଇଓଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା

ଏବଂ

- ନବାନ୍ନ ଲାଗି ନିମନ୍ତେ ସ୍ଥିର ହେଲା ନୂଆଖାଇ ଲଗ୍ନ

## ସାଇବର ଅପରାଧ -୯୨ ଲକ୍ଷ ସିମ୍‌କାର୍ଡ ଅଚଳ

ସାଇବର ଅପରାଧ ମାମଲାରେ ସମଗ୍ର ଦେଶରେ ୧ କୋଟି ୯୨ ଲକ୍ଷ ସିମ୍‌କାର୍ଡକୁ ଅଚଳ କରାଯାଇଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି। ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଶୂନ୍ୟ ସହନଶୀଳତା ନୀତି ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସାଇବର ଅପରାଧ ନେଇ ହସ୍ତଗତ ହୋଇଥିବା ୭ ଲକ୍ଷ ୬୦ ହଜାର ଅଭିଯୋଗ ଆଧାରରେ ୨ ହଜାର ୪୦୦ କୋଟି ଟଙ୍କା ଉଦ୍ଧାର କରାଯାଇଛି ବୋଲି ସେ କହିଛନ୍ତି। ଏ ନେଇ ସରକାର ଏକ ଟୋଲ୍‌-ଫ୍ରି ନମ୍ବର ୧୯୩୦ ପ୍ରଚଳନ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା

ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧିନରେ ସମଗ୍ର ଦେଶରେ ୨୨ଟି ନୂଆ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ପ୍ରତିଷ୍ଠାକୁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସେଥିମଧ୍ୟରୁ ୧୯ଟି ଏମ୍ସ ପ୍ରତିଷ୍ଠାନ ଦେଶରେ କାର୍ଯ୍ୟକାରୀ ହୋଇଛି।

## ପିଏମ୍ କିଷାନ ସମ୍ମାନନିଧି ଯୋଜନା

ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଦେଶର ୧୧ କୋଟି ହିତାଧିକାରୀଙ୍କୁ ୩ ଲକ୍ଷ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇସାରିଲାଣି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରାମନାଥ

ଠାକୁର କହିଛନ୍ତି। ଲୋକସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ସିଧାସଳଖ ଅର୍ଥ ପ୍ରଦାନ ସୁବିଧା ଆଧାରରେ ୧୭ଟି ପର୍ଯ୍ୟାୟରେ ଏହି ଅର୍ଥ ପ୍ରଦାନ କରାଯାଇଛି। ସେ କହିଛନ୍ତି, ଏହି ଯୋଜନା ଅଧିନରେ ହିତାଧିକାରୀଙ୍କୁ ୩ଟି ପର୍ଯ୍ୟାୟରେ ବର୍ଷକୁ ୬ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥାଏ।

## ୟୁପିଆଇ କାରବାର

ଚଳିତ ଆର୍ଥିକବର୍ଷର ପ୍ରଥମ ୩ ମାସରେ ଦେଶରେ ୟୁପିଆଇ କାରବାର ୩୬ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ଏହି ସମୟ ମଧ୍ୟରେ ୬୦ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ହୋଇଥିଲା। ୟୁପିଆଇ ଜରିଆରେ ଏକ ନୂଆ କାର୍ଡଲେସ୍ କ୍ୟାସ୍ ଡିପୋଜିଟ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ଗତ ଆର୍ଥିକବର୍ଷର ଏହି ସମୟ ମଧ୍ୟରେ ୟୁପିଆଇ କାରବାର ୪୪ ଲକ୍ଷ କୋଟିରେ ସୀମିତ ଥିଲା।

## ବିଶ୍ୱସ୍ତରୀୟ ସଡକ ଯୋଜନା

ରାଜ୍ୟର ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ପରିଣତ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ବିସ୍ତୃତ ଆଲୋଚନା ହୋଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହି ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିସ୍ତୃତ ରୂପରେଖ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଛି। ସେଥିମଧ୍ୟରୁ

ଜାତୀୟ ରାଜପଥ ପ୍ରାଧିକରଣ ୧ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ରୂପାନ୍ତରିତ କରିବାକୁ ବୈଠକରେ ପ୍ରତିଶ୍ରୁତି ଦେଇଛି। ଏହି ନିଷ୍ପତ୍ତିର ସଫଳ କାର୍ଯ୍ୟାନ୍ୱୟନ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଗଠନ କରାଯିବ। ଉନ୍ନୟନ କମିଶନରଙ୍କ ସମେତ ୬ଟି ବିଭାଗର ସଚିବ ଏହି କମିଟିର ସଦସ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ବିଜେପି ବୈଠକ

ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ଶାଖା ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳୀୟ ବୈଠକରେ ଅନୁଷ୍ଠିତ ହେଉଛି। ରାଜ୍ୟର ଦୁଇ ପ୍ରଭାରୀ ବିଜୟ ପାଲ୍‌ସିଂ ତୋମାର ଏବଂ ଲତା ଉସେଣ୍ଡିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଏହି ବୈଠକରେ ଯୋଗଦେଇ ଦଳର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରୁଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ବଜେଟ୍‌ର ଉଦ୍ଦେଶ୍ୟକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ବୈଠକରେ ବିସ୍ତୃତ ଆଲୋଚନା ଚାଲିଛି।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ

ଚଳିତବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗରେ ପାଳନ କରାଯିବ । ରାଜ୍ୟ ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ସହିତ ଏକ ମିଳିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ

ପରେଡରେ ସ୍କୁଲ, କଲେଜ ଓ ପୁଲିସବାହିନୀକୁ ମିଶାଇ ପ୍ରାୟ ୪୦ଟି କଣ୍ଟିଜେଣ୍ଟ ପରେଡରେ ଅଂଶଗ୍ରହଣ କରିବେ । ଆସନ୍ତା ୧୫ ତାରିଖ ସକାଳ ୯ଟା ସମୟରେ ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ଜିଲ୍ଲାସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥ ବରାଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ-ନୀତିଆୟୋଗ ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୀତି ଆୟୋଗ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର.ସୁବ୍ରମଣ୍ୟମ୍‌ଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ଆଜି ସାକ୍ଷାତ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସଂପ୍ରତି ଦିଲ୍ଲୀରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ହେବ। ଏହି ବୈଠକରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଯୋଗଦେବେ।

## ବିଶ୍ୱକର୍ମା ଯୋଜନା

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ସୁଫଳ ଗଞ୍ଜାମ ଜିଲ୍ଲାର ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଉପରେ ଅଣୁକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଏହି ଯୋଜନାରେ ୧୮ଟି ପାରମ୍ପରିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର

ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏହି ଯୋଜନା ସଂକ୍ରାନ୍ତ ଆବେଦନପତ୍ରଗୁଡ଼ିକର ଯାଞ୍ଚ ପ୍ରକିୟା ସପ୍ତାହକ ମଧ୍ୟରେ ଶେଷ କରାଯିବ ବୋଲି କହିଛନ୍ତି। ଯୋଜନାରେ ଅନ୍ତର୍ଭୁକ୍ତ ଶିଳ୍ପକାର ଏବଂ କାରିଗରଙ୍କୁ ପ୍ରମାଣ ଏବଂ ପରିଚୟପତ୍ର ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହି ଯୋଜନା ଅଧିନରେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ପର୍ଯ୍ୟନ୍ତ ଋଣ ସହାୟତା ବାର୍ଷିକ ୫ ପ୍ରତିଶତ ସୁଧ ହାରରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ-ପ୍ରତିଷ୍ଠା ଦିବସ

ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଠପୋଷକତା କରିଥାଏ ବୋଲି ଏନ.ସି.ଇ.ଆର.ଟି.ର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍‌ଲାନୀ କହିଛନ୍ତି। କଟକସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଯୋଗଦେଇ ଶିକ୍ଷାକୁ ସାର୍ଟିଫିକେଟ୍‌ର ପରିସୀମା ଭିତରେ ସୀମିତ ନ ରଖି ଗବେଷଣା ମାଧ୍ୟମରେ ଏହାକୁ ଅଧିକ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଭାରତୀୟ ଶିକ୍ଷାବ୍ୟବସ୍ଥାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ଏହି ଆଧାରରେ ଶିକ୍ଷା ପ୍ରଦାନ ସମାଜରେ ଆଲୋକବର୍ତ୍ତିକା ସଦୃଶ୍ୟ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ୍‌ଙ୍କ

ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମିତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାଓ୍ୱତ୍ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ନୂଆଖାଇ ଲଗ୍ନ

ନବାନ୍ନ ଲାଗି ନିମନ୍ତେ ନୂଆଖାଇ ଲଗ୍ନ ସ୍ଥିର ହୋଇଛି। ଆସନ୍ତାମାସ ୮ ତାରିଖ ରବିବାର ଦିନ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ହେବ। ସକାଳ ୯ଟା ୩୫ମିନିଟ୍‌ରୁ ୧୦ଟା ୭ମିନିଟ୍ ମଧ୍ୟରେ ନବାନ୍ନ ଲାଗି ପାଇଁ ଶୁଭ ବେଳା ସ୍ଥିର ହୋଇଛି। ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ସମସ୍ତେ ନୂଆ ଖାଇବାର ପରମ୍ପରା ରହିଛ।

## ବନକଲାଗି ନୀତି

ଶ୍ରାବଣ ଶୁକ୍ଳପକ୍ଷ ତୃତୀୟ ତିଥିରେ ଆସନ୍ତାକାଲି **ପୁରୀ** ଶ୍ରୀମନ୍ଦିରରେ ଠାକୁରଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛ। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି।

## ସାମ୍ବାଦିକ ସମ୍ମିଳନୀ ବଜେଟ୍

ଚଳିତବର୍ଷର ରାଜ୍ୟ ବଜେଟକୁ ପ୍ରତ୍ୟେକ ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି ବୋଲି ବିଧାୟକ ଗୌରୀଶଙ୍କର ମାଝୀ ପ୍ରକାଶ କରିଛନ୍ତି। **ନବରଙ୍ଗପୁର**ଠାରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବିଧାୟକ ଶ୍ରୀ ମାଝୀ କହିଛନ୍ତି ଏହା ଏକ ଲୋକାଭିମୁଖୀ ବଜେଟ୍। ଏଥିରେ ନବରଙ୍ଗପୁର-ଜୟପୁର ରେଳପ୍ରକଳ୍ପ ଏବଂ ଟୁରୀ-ଗୁଣ୍ଡାକ ଜଳସେଚନ ପ୍ରକଳ୍ପ ପାଇଁ ବ୍ୟବସ୍ଥା କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ହାରକୁ ହ୍ରାସ କରିବାରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ସନ୍ତରଣ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଇଣ୍ଡୋର ଜଳକ୍ରୀଡା କେନ୍ଦ୍ରରେ ୪୦ତମ ସବ୍‌ଜୁନିୟର ଏବଂ ୫୦ତମ ଜୁନିୟର ସନ୍ତରଣ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି। ୭ଟି ବିଭାଗରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ବାଳକ ଏବଂ ବାଳିକା ବିଭାଗରେ ମୋଟ୍ ୩୯ ଜଣ ଭାଗ ନେଇଛନ୍ତି। ଭାରତୀୟ ସନ୍ତରଣ ମହାସଂଘ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଏବଂ ରାଜ୍ୟ କ୍ରୀଡା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ।

## ପାଣିପାଗ

ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେଥିମଧ୍ୟରୁ ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁରରେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

**********************************